**ଭାରତର ପ୍ରଧାନମନ୍ତ୍ରୀ ଏବଂ ମାଳଦ୍ୱୀପର ରାଷ୍ଟ୍ରପତିଙ୍କ ଦ୍ୱାରା ମାଳଦ୍ୱୀପ ପ୍ରତିରକ୍ଷା ମନ୍ତ୍ରଣାଳୟ ଭବନର ମିଳିତ ଭାବେ ଉଦଘାଟନ (ଜୁଲାଇ 25, 2025)**

ଜୁଲାଇ 25, 2025

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ମାଳଦ୍ୱୀପର ରାଷ୍ଟ୍ରପତି ମହାମହିମ ଡକ୍ଟର ମହମ୍ମଦ ମୁଇଜ୍ଜୁ ଆଜି ମାଲେରେ ମାଳଦ୍ୱୀପର ଅତ୍ୟାଧୁନିକ ପ୍ରତିରକ୍ଷା ମନ୍ତ୍ରଣାଳୟ (MoD) ଭବନକୁ ମିଳିତ ଭାବେ ଉଦଘାଟନ କରିଛନ୍ତି।

2. ଭାରତ ମହାସାଗରକୁ ସମ୍ମୁଖ କରିଥିବା ଏହି ଏଗାର ମହଲା ବିଶିଷ୍ଟ ଭବନଟି ହେଉଛି ଉଭୟ ଦେଶ ମଧ୍ୟରେ ସୁଦୃଢ଼ ଏବଂ ଦୀର୍ଘ ଦିନର ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗର ଏକ ପ୍ରତୀକ।

3. MoD ଭବନଟି ଭାରତର ଆର୍ଥିକ ସହାୟତାରେ ନିର୍ମାଣ କରାଯାଇଛି ଏବଂ ଏହା ମାଳଦ୍ୱୀପର ପ୍ରତିରକ୍ଷା ଏବଂ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକର ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିବ।

ମାଲେ

ଜୁଲାଇ 25, 2025